# ଜନଗଣନା ଓ ଭିନ୍ନକ୍ଷମ ସମ୍ପର୍କିତ କର୍ମଶାଳା

4-2-2011 ସମ୍ବାଦ

ଅନୁଗୁଳ, (ବ୍ୟୁରୋ): ଅନୁଗୁଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଭୁବନେଶ୍ୱରର ଆଇନା ସହାୟତାରେ ଅନୁଗୁଳ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ଜନଗଣନା ଓ ଭିନ୍ନକ୍ଷମ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅନୁଗୁଳ ବିଡ଼ିଓ ସର୍ବେଶ୍ୱର ସିଂହ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ 'ୟାର' ବଲଣ୍ଡାର ରଣଜିତ ପଟ୍ଟନାୟକ, ୱାର୍ଡ଼, କେନ୍ଦୁଝରର ସମ୍ପାଦିକା ପ୍ରମିଳା ପଣ୍ଡା ଏବଂ ଆଇନାର ସଂଯୋଜିକା ଜ୍ୟୋତ୍ସ୍ନା ସାହୁ ଯୋଗଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନର ସାଧାରଣ ସମ୍ପାଦକ ଅନୀଲ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସଭାନେତ୍ରୀ କାଦମ୍ବିନୀ ସାମଲ, ଉପସଭାପତି କ୍ରିଷ୍ଣଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ବସନ୍ତ ସାହୁ, ଜିଲ୍ଲାର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଜନଗଣନା ବେଳେ ଭିନ୍ନକ୍ଷମ ଗଣନା ଅଧିକ ଜରୁରୀ ବୋଲି ମୁଖ୍ୟଅତିଥି ଶ୍ରୀ ସିଂହ କହିଥିଲେ। ଅଶ୍ୱିନୀ କୁମାର ନାୟକ ଧନ୍ୟବାଦ ଦେଇଥିଲେ।